Tel:-06792-252703
Website : www.baripadamunicipality.in
e-mail : baripadam.hud@nic.in

# ବାରିପଦା ପୌର ପରିଷଦ,

## ବାରିପଦା , ମୟୁରଭଞ୍ଜ - ୭୫୭୦୦୧

---

ପତ୍ର ସଂଖ୍ୟା .__________/ ଟ୍ୟାକ୍ସ **ନିଲାମ ଇସ୍ତାହାର** ତା.______________/ ରିଖ

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛିକି ବାରିପଦା ପୌରପରିଷଦ ତରଫରୁ କାର୍ଯ୍ୟାଳୟ ର ନିଲାମ ଇସ୍ତାହାର ସଂଖ୍ୟା ୫୫୬୬ ତା.୦୮.୦୭ .୧୯ ରିଖ ରେ ଆହ୍ୱାନ କରାଯାଇଥିବା ସୈରାତ ଉତ୍ସ ର ନିଲାମ ପ୍ରକ୍ରିୟା କାର୍ଯ୍ୟ ସମାପ୍ତ ହୋଇଅଛି | ତନ୍ମଧ୍ୟରୁ ନିମ୍ନଲିଖିତ ୨ ଗୋଟି ସୈରାତ ଉତ୍ସ ର ନିଲାମ ପ୍ରକ୍ରିୟା ରେ କୌଣସି ନିଲାମଧାରୀ ଅଂଶ ଗ୍ରହଣ କରି ନ ଥିବାରୁ ପୁନର୍ବାର (୩ୟ ଥର) ଏହି ସୈରାତ ଉତ୍ସର ନିଲାମ ପ୍ରକ୍ରିୟା ନିମନ୍ତେ ତା.୦୧.୦୭.୨୦୧୯ ରିଖ ଠାରୁ ୩୦.୦୬.୨୦୨୦ ରିଖ ପର୍ଯ୍ୟନ୍ତ (ଏକବର୍ଷ ପାଇଁ) ଜଉମୁଦ ନିବିଦା (Sealed Quotation) ଆହ୍ୱାନ କରାଯାଉଅଛି | ପୌର ପରିଷଦର ନିମ୍ନଲିଖିତ ସର୍ତ୍ତ ଅନୁଯାୟୀ ଇଚ୍ଛୁକ ବ୍ୟକ୍ତିବିଶେଷ ବା ଅନୁଷ୍ଠାନମାନେ ନିବିଦା କାଗଜ କିଣି ତା. ୯.୦୮ .୨୦୧୯ ରିଖ ଦିବା ୩ ଘଟିକା ସୁଦ୍ଧା ସେଥିରେ ଆବେଦନ କରୁଥିବା ସୈରାତର ସର୍ବୋଚ୍ଚ ମୂଲ୍ୟ ଦର୍ଶାଇ ନିବିଦା ଦାଖଲ କରିପାରିବେ | ଏଥିରେ ବ୍ୟତିକ୍ରମ ପରିଲକ୍ଷିତ ହେଲେ ନିବିଦା ଗ୍ରହଣୀୟ ହେବନାହିଁ | ସର୍ବୋଚ୍ଚ ଦରକୁ ଗ୍ରହଣ କରିବାକୁ ପୌରପରିଷଦ କର୍ତ୍ତୃପକ୍ଷ ବାଧ୍ୟ ନୁହଁନ୍ତି | ଦରକାର ହେଲେ ସମସ୍ତ ନିଲାମକୁ କୌଣସି କାରଣ ନ ଦର୍ଶାଇ ରଦ୍ଦ କରାଯାଇପାରେ | ଦାଖଲ ହୋଇଥିବା ନିବିଦା ଗୁଡିକ ସେହିଦିନ ଅର୍ଥାତ ତା ୦୯.୦୮ .୨୦୧୯ ରିଖ ଦିବା ୪ ଘଟିକା ସମୟରେ କର୍ତ୍ତୃପକ୍ଷ ଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ନିବିଦା ଦାତା ବା ସେମାନଙ୍କ ଦ୍ୱାରା କ୍ଷମତାପ୍ରାପ୍ତ ପ୍ରତିନିଧି ଓ ଟେଣ୍ଡର କମିଟି ସଦସ୍ୟମାନଙ୍କ ଉପସ୍ଥିତିରେ ଖୋଲାଯିବ | ସବିଶେଷ ବିବରଣୀ ଜାଣିବାପାଇଁ ଇଚ୍ଛୁକ ବ୍ୟକ୍ତି କାର୍ଯ୍ୟାଳୟ ଦିବସ ମାନଙ୍କରେ ବୁଝିପାରିବେ |

କ୍ରମଶଃ....ପୃଷ୍ଠା/୨

| Sl. No. | Name of the sairat | Period | Up set price | S.D. Money | Cost of quotation paper |
|---|---|---|---|---|---|
| | **SPACE (Lease Terms 1 year)** | | | | |
| 1 | Market Cycle Stand | 01.07.2019 to 30.06.2020 | 23,393-00 | 2,339-00 | 200-00 |
| 3 | Day & Night Kacheri Market Cycle & other vehicle stand | 01.07.2019 to 30.06.2020 | 1,66,100-00 | 16,610-00 | 500-00 |

<u>ନିମ୍ନୋକ୍ତ ସର୍ତ୍ତାବଳି ଅନୁଯାୟୀ ନିବିଦା ଚୂଡାନ୍ତ କରାଯିବ |</u>

୧. ପୂର୍ବ ବର୍ଷର ନିଲାମ ଟଙ୍କା ବକେୟା ରଖିଥିବା ବ୍ୟକ୍ତିବିଶେଷ ବା ଅନୁଷ୍ଠାନମାନେ ନିଲାମରେ ଭାଗ ନେଇ ପାରିବେ ନାହିଁ |

୨. ନିବିଦା ଦାଖଲ କରିବା ବ୍ୟକ୍ତିବିଶେଷମାନେ ନିବିଦା (Quotation) ସହିତ solvency certificate ବା ନିବିଦା ମୂଲ୍ୟ ର ବ୍ୟାଙ୍କ guarantee in favour of " Executive Officer , payable at Baripada" ଦାଖଲ କରିବେ , ନଚେତ ଦାଖଲ କରିଥିବା ନିବିଦା ଗ୍ରହଣୀୟ ହେବନାହିଁ |

୩. ନିବିଦା ସହିତ ଆବଶ୍ୟକୀୟ S .D . money (ଅମାନତ ଟଙ୍କା) " Bankers check or D.D. in favour of The Executive Officer , Baripada Municipality , Baripada , payable at ବାରିପଦା " ଜରିଆରେ ଦାଖଲ କରିବେ |

୪. ନିବିଦା ଦାତା ପୌରାଞ୍ଚଳ ଅଧିବାସୀ ହୋଇ ଥିବେ ଏବଂ ତାହାର ଏକ ପ୍ରମାଣ ସ୍ୱରୂପ ଆବେଦନ ସମୟରେ ଗୃହ ଟିକସ / ଦୋକାନ ଭଡା ( ଯଦି ଦୋକାନ ଥାଏ ) ଓ ଅନ୍ୟାନ୍ୟ ଟେକ୍ସ ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ପୈଠ ସମ୍ବନ୍ଧୀୟ ରସିଦ ର ନକଲ କପି ନିବିଦା ସହିତ ଦାଖଲ କରିବେ | ନଚେତ ତାହା ଗ୍ରହଣୀୟ ହେବନାହିଁ |

୫. ଯାହାଙ୍କ ନାମରେ ନିଲାମ ସିଦ୍ଧ ହେବ ସେ କାର୍ଯ୍ୟାଳୟର ସୂଚନା ପ୍ରାପ୍ତିର ୩(ତିନି) ଦିନ ମଧ୍ୟରେ ଏକକାଳୀନ ସମସ୍ତ ଧାର୍ଯ୍ୟ ଦେୟ ମୁନିସିପାଲିଟି ଅଫିସରେ ପୈଠ କରିବେ | ନଚେତ ତାଙ୍କର ଜମାଥିବା ଅମାନତ ଟଙ୍କା ବାଜ୍ୟାପ୍ତି କରାଯିବ ଏବଂ ସମ୍ପୃକ୍ତ ନିଲାମର ଦ୍ୱିତୀୟ ସର୍ବୋଚ୍ଚ ଦର ଉପସ୍ଥାପନ କରିଥିବା ଅନ୍ୟ ବ୍ୟକ୍ତି ବା ଅନୁଷ୍ଠାନଙ୍କୁ ନିଲାମରେ ଦିଆଯିବ |

୬. ଯେଉଁ ବ୍ୟକ୍ତିଙ୍କ ନାମରେ ନିଲାମ ସିଦ୍ଧ ହେବ ସେ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ସହିତ ଆବଶ୍ୟକୀୟ ଚୁକ୍ତିପତ୍ର ନିଲାମ ଚୂଡାନ୍ତ ହେବାର ୭ (ସାତ) ଦିନ ମଧ୍ୟରେ କରିବେ |

୭. ଯେଉଁ ବ୍ୟକ୍ତିଙ୍କ ନାମରେ ନିଲାମ ସିଦ୍ଧ ହେବ, ତାଙ୍କର ଅମାନତ ଟଙ୍କା ନିଲାମ ଅବଧି ସରିଲା ପରେ ଆବେଦନ କ୍ରମେ ଫେରସ୍ତ ଦିଆଯିବ ଓ ଏହା ସହିତ ଅସିଦ୍ଧ ହୋଇଥିବା ଅନ୍ୟ ନିଲାମଧାରୀଙ୍କର ଅମାନତ ଟଙ୍କା ନିଲାମ ପ୍ରକ୍ରିୟା ସରିଲା ପରେ ଦରଖାସ୍ତ ମାଧ୍ୟମରେ ଅମାନତ ଟଙ୍କାର ମୂଳ ରସିଦ ଦାଖଲ କରି ଫେରସ୍ତ ନେଇ ପାରିବେ |

Contd....P/3

୮. ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଦେୟରେ ପରିବର୍ତ୍ତନ ହେଲେ କିମ୍ବା ନିୟମରେ କୌଣସି ପରିବର୍ତ୍ତନ କରାଗଲେ ନିଲାମଧାରୀ ତାହା ପାଳନ କରିବାକୁ ବାଧ୍ୟ ରହିବେ ।

କାର୍ଯ୍ୟ ନିର୍ବାହୀ ଅଧିକାରୀ ,
ବାରିପଦା ପୌରପରିଷଦ ।

ଜ୍ଞାପକ ସଂଖ୍ୟା 5806 / ତା 30.7.17 ରିଖ

ଏହାର ଏକକିତା ନକଲ ପୌରପାଳିକା କାର୍ଯ୍ୟାଳୟ ନୋଟିସ ବୋର୍ଡ଼ / ୱେବ ସାଇଟ – www.baripadamunicipality.inରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ / ସାଧାରଣ ଓ ବିବିଧ ବିଭାଗ , ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ / ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ / ତହସିଲଦାର , ବାରିପଦା / ଗୋଷ୍ଠୀ ଉନ୍ନୟନ ଅଧିକାରୀ , ବାରିପଦା / ନିର୍ବାହୀ ଯନ୍ତ୍ରୀ , ରାସ୍ତା ଓ ଗୃହ ନିର୍ମାଣ ବିଭାଗ , ବାରିପଦା ଙ୍କ ନୋଟିସ ବୋର୍ଡ଼ରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

କାର୍ଯ୍ୟ ନିର୍ବାହୀ ଅଧିକାରୀ ,
ବାରିପଦା ପୌରପରିଷଦ ।